ରାଞ୍ଚି ଆଞ୍ଚଳିକ ଉନ୍ନୟନ କର୍ତ୍ତୃପକ୍ଷ

ବନାମ

ସୁଶୀଲ କୁମାର ମହତୋ ଏବଂ ଅନ୍ୟମାନେ

ଜୁଲାଇ 21, 2006

[ଅରିଜିତ୍ ପସାୟତ ଏବଂ ଲୋକେଶ୍ୱର ସିଂ ପଣ୍ଡା, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950-- ଅନୁଚ୍ଛେଦ 226--ଜନସ୍ୱାର୍ଥ ମାମଲାରେ, ଉଚ୍ଚ ଅଟ୍ଟାଳିକାମାନ ନିର୍ମାଣର ବେଆଇନ ମଞ୍ଜୁରି ଅଭିଯୋଗ -- ଆବେଦନକାରୀମାନେ ଅସ୍ୱଚ୍ଛ ହାତରେ ଆସୁଛନ୍ତି-- ତଥାପି, ନିଗମ ଦ୍ୱାରା ଦିଆଯାଇଥିବା ମଞ୍ଜୁରି ଉପରେ ପୁନର୍ବିଚାର କରିବାକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ-- ନିର୍ଣ୍ଣୟକୁ ଆପତ୍ତି :ପର୍ଯ୍ୟାପ୍ତ ସାମଗ୍ରୀ ବିନା କର୍ତ୍ତୃପକ୍ଷଙ୍କ ଅବହେଳା ବିଷୟରେ ଅନୁମାନ କରାଯାଇଥିଲା, ତେଣୁ ସେମାନଙ୍କ ବିରୋଧରେ ଜାରି କରାଯାଇଥିବା ନିର୍ଦ୍ଦେଶକୁ ଅପସାରଣ କରିବାକୁ ପଡିବ-- ତଥାପି, ଯଦି କୌଣସି ଅଧିକାରୀ ଅବହେଳା କରନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ-- ଆଞ୍ଚଳିକ ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ-- ଅଟ୍ଟାଳିକା ଉପବିଧି, 1981 ।*

**ଉତ୍ତରଦାତା ସଂଖ୍ୟା 1 ଜନସ୍ୱାର୍ଥ ମାମଲା ଦାୟର କରି ଅଭିଯୋଗ କରିଥିଲେ ଯେ କେତେକ ବହୁତଳ ଅଟ୍ଟାଳିକାର ନିର୍ମାଣକୁ ବେଆଇନ ଭାବେ ଏବଂ ଆଞ୍ଚଳିକ ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ, ଅଟ୍ଟାଳିକା ନିୟମାବଳୀ ଏବଂ ଅଟ୍ଟାଳିକା ଉପବିଧି, 1981ର ବ୍ୟବସ୍ଥାଗୁଡ଼ିକର ବିପରୀତ ଭାବେ ମଞ୍ଜୁର କରାଯାଇଛି । ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଆଜ୍ଞାଦେଶ ଆବେଦନକାରୀ ଏବଂ ଏହାର ସମର୍ଥକମାନେ ଅଟ୍ଟାଳିକା ନିର୍ମାଣ କରିବା ସମୟରେ ମଞ୍ଜୁର ହୋଇଥିବା ଯୋଜନା ଏବଂ ସେମାନଙ୍କ ଯୋଜନାର ମଞ୍ଜୁରି ପାଇବା ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଉଲ୍ଲଂଘନ କରିଛନ୍ତି, କିନ୍ତୁ ନିଗମ ଦ୍ୱାରା ଦିଆଯାଇଥିବା ମଞ୍ଜୁରି ଉପରେ ପୁନର୍ବିଚାର କରିବାକୁ ଆବେଦନକାରୀ-କର୍ତ୍ତୃପକ୍ଷଙ୍କୁ ଏହା ନିର୍ଦ୍ଦେଶ ଜାରି କରିଛନ୍ତି । ତେଣୁ ବର୍ତ୍ତମାନର ଏହି ଆବେଦନ ।**

ଏହି ଆବେଦନକୁ ଫଏସଲା କରି, ନ୍ୟାୟାଳୟ

**ନିର୍ଣ୍ଣୟ ନେଇଛନ୍ତି ଯେ: ପର୍ଯ୍ୟାପ୍ତ ସାମଗ୍ରୀ ବିନା କର୍ତ୍ତୃପକ୍ଷଙ୍କ ଅବହେଳା ବିଷୟରେ ଉଚ୍ଚ ନ୍ୟାୟାଳୟ ଅନୁମାନ କରିଥିଲେ । ପ୍ରତାରଣା ପାଇଁ ମିଳାମିଶା କରାଯାଇଥିବା ଚକ୍ରାନ୍ତ ବିଷୟରେ କିମ୍ବା ସେମାନେ ଅଟ୍ଟାଳିକା ଉପ-ନିୟମ ଉଲ୍ଲଙ୍ଘନ କରି ଆଖି ବୁଲେଇ ନିଷ୍କ୍ରିୟ ଭାବରେ ଠିଆ ହୋଇ ଏବଂ ଯୋଜନାଗୁଡ଼ିକୁ ଅନୁମୋଦନ କରିଥିବାର କୌଣସି ନିର୍ଦ୍ଦିଷ୍ଟ ବିଷୟବସ୍ତୁ ନଥିଲା । ଏଗୁଡ଼ିକ ଅତି ସାଧାରଣ ନିର୍ଦ୍ଦେଶ ଥିଲା । ତେଣୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ ପ୍ରତ୍ୟାହାର କରାଯିବା ଉଚିତ । ତଥାପି, ଯଦି ଏହା ଆବେଦନକାରୀ-କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସେ ଯେ କୌଣସି ଅଧିକାରୀ ଯିଏ ପ୍ରକୃତରେ କର୍ତ୍ତୃପକ୍ଷଙ୍କ ସର୍ବୋତ୍ତମ ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରିଥିଲେ, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ । ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ପ୍ରସଙ୍ଗରେ ପୁନର୍ବିଚାର କରିବା ସମୟରେ 2002 ରେ ସଂଶୋଧିତ ହୋଇଥିବା ଉପ-ବିଧିକୁ ଧ୍ୟାନରେ ରଖାଯିବା ଉଚିତ । କିନ୍ତୁ ଯଦି ଏହା ଜଣାପଡ଼େ ଯେ 2002 ପୂର୍ବ ନିୟମର କୌଣସି ଉଲ୍ଲଙ୍ଘନ ହୋଇଛି, ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 3087/2006

ତା 30.9.2003 ରିଖରେ, ରାଞ୍ଚିସ୍ଥିତ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲୁ.ପି.(ପିଆଇଏଲ) ସଂଖ୍ୟା 1590/2002 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ପି. ଏସ୍. ମିଶ୍ର, ତଥାଗତ୍ ଏଚ୍. ବର୍ଦ୍ଧନ, ଉପେନ୍ଦ୍ର ମିଶ୍ର, ଧ୍ରୁବ କୁମାର ଝା, ରବି ସି. ପ୍ରକାଶ ଏବଂ ସି. ଡି. ସିଂହ ଆବେଦନକାରୀଙ୍କ ପାଇଁ ।

ଏ. ଏନ୍. ଦେଓ ଏବଂ ଏସ୍. ଜନାନୀ ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ କରାଯାଇଥିଲା

**ନ୍ୟାୟମୂର୍ତ୍ତି ଅରିଜିତ୍ ପସାୟତଙ୍କ** ଦ୍ୱାରା । ଅନୁମତି ପ୍ରଦାନ କରାଗଲା ।

ଜନସ୍ୱାର୍ଥ ମାମଲା (ସଂକ୍ଷେପରେ 'ପିଆଇଏଲ୍') ଭଳି ଏକ ଆବେଦନର ଶୁଣାଣି ସମୟରେ ଝାରଖଣ୍ଡ ଉଚ୍ଚ ନ୍ୟାୟାଳୟର ଏକ ଦୁଇଜଣିଆ ଖଣ୍ଡପୀଠଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କେତେକ ନିର୍ଦ୍ଦେଶର ବୈଧତା ଉପରେ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି ।

ଆଜ୍ଞାଦେଶ ଆବେଦନକାରୀ ଅର୍ଥାତ୍ ଉତ୍ତରଦାତା ସଂଖ୍ୟା 1, କଥିତ ଜନସ୍ୱାର୍ଥ ମାମଲା ଦାୟର କରି ଅଭିଯୋଗ କରିଥିଲେ ଯେ କେତେକ ବହୁ ମହଲା ବିଶିଷ୍ଟ ଅଟ୍ଟାଳିକାର ନିର୍ମାଣ ବେଆଇନ ଭାବେ ଏବଂ ଆଞ୍ଚଳିକ ଉନ୍ନୟନ କର୍ତ୍ତୃପକ୍ଷ ଅଧିନିୟମ (ସଂକ୍ଷେପରେ 'ଅଧିନିୟମ') ଏବଂ ଅଟ୍ଟାଳିକା ନିୟମାବଳୀ (ସଂକ୍ଷେପରେ 'ନିୟମାବଳୀ') ଏବଂ ଅଟ୍ଟାଳିକା ଉପବିଧି, 1981 (ସଂକ୍ଷେପରେ 'ଉପବିଧି') ର ବ୍ୟବସ୍ଥାଗୁଡ଼ିକର ବିପରୀତ ଅଟେ । କର୍ତ୍ତୃପକ୍ଷ ଏବଂ ବହୁ ମହଲା ବିଶିଷ୍ଟ କୋଠାଗୁଡ଼ିକର ନିର୍ମାତା ଯିଏ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ହାଜର ହୋଇଥିଲେ ଏବଂ ଏହି ଆଭିମୁଖ୍ୟ ଗ୍ରହଣ କରିଥିଲେ ଯେ ପିଆଇଏଲ ସେମାନଙ୍କୁ ବଦନାମ କରିବା ପାଇଁ ଏକ ଦୁଷ୍ଟ ପ୍ରୟାସ ବ୍ୟତୀତ ଆଉ କିଛି ନୁହେଁ । ଏହା ଦର୍ଶାଯାଇଥିଲା ଯେ ଆବେଦନକାରୀ ସ୍ୱଚ୍ଛ ହାତରେ ଅଦାଲତକୁ ଆସିନାହାନ୍ତି । ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟ ଉପରେ ଟିପ୍ପଣୀ ଦେଇଥିଲେ ଯେ ଆଜ୍ଞାଦେଶ ଆବେଦନକାରୀ ଏବଂ ତାଙ୍କର କିଛି ସମର୍ଥକ ଅଟ୍ଟାଳିକା ନିର୍ମାଣ କରିବା ସମୟରେ ମଞ୍ଜୁର ହୋଇଥିବା ଯୋଜନା ଏବଂ ସେମାନଙ୍କ ଯୋଜନାର ମଞ୍ଜୁରୀ ପାଇବା ସମୟରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ଉଲ୍ଲଂଘନ କରିଛନ୍ତି । ତଥାପି, ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଆଜ୍ଞାଦେଶ ଆବେଦନକାରୀ ହୁଏତ ସମ୍ପୂର୍ଣ୍ଣ ସଫା ହାତରେ ଅଦାଲତକୁ ଆସି ନଥାଇପାରନ୍ତି, କିନ୍ତୁ ମଞ୍ଜୁରି ଅନୁଯାୟୀ ନିଗମ ନ୍ୟାୟସଙ୍ଗତ ଥିଲା କି ନାହିଁ ଆବେଦନକାରୀଙ୍କ ଦ୍ୱାରା ପୁନର୍ବିଚାର କରିବାକୁ ପଡିବ । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ କେବଳ ଆଜ୍ଞାଦେଶ ଅବେଦନରେ ନିଜକୁ ସାମିଲ କରିଥିବା ନିର୍ମାଣକାରୀଙ୍କ ମାମଲା ନୁହେଁ, ବରଂ ଉପ-ନିୟମ, ଅନୁମୋଦିତ ଯୋଜନା ଏବଂ ଅଙ୍ଗୀକାର ପତ୍ର ଦ୍ୱାରା ନିର୍ଦ୍ଧାରିତ ନିୟମର ଉଲ୍ଲଂଘନ କରିଥିବା ସମସ୍ତ ବ୍ୟକ୍ତିଙ୍କ ମାମଲାକୁ ମଧ୍ୟ ଯାଞ୍ଚ କରାଯିବ । ଏହି ନିର୍ଦ୍ଦେଶର ପ୍ରଭାବ ଏହିପରି ଥିଲା ଯେ ଯଦି ଆଜ୍ଞାଦେଶ ଆବେଦନକାରୀ କିମ୍ବା ତାଙ୍କ ସମର୍ଥକମାନେ ଉପ-ନିୟମ ଉଲ୍ଲଂଘନ କରିଥିବାର ଜଣାପଡ଼େ, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆବେଦନକାରୀମାନେ ଏହି ନିର୍ଦ୍ଦେଶଗୁଡ଼ିକର ସଠିକତା ଉପରେ ପ୍ରଶ୍ନ ଉଠାଇନଥିଲେ । ତେବେ, ଆବେଦନକାରୀଙ୍କ ଅଧିକାରୀଙ୍କ ବିରୋଧରେ କେତେକ ପର୍ଯ୍ୟବେକ୍ଷଣ ସମ୍ବନ୍ଧରେ ଅଭିଯୋଗ କରାଯାଇଛି, ଯାହା ଏହା ଅନୁଯାୟୀ ଅନାବଶ୍ୟକ ଅଟେ । ଏହି ମାମଲାରେ ଶୁଣାଣି ପାଇଁ ସେମାନଙ୍କୁ କୌଣସି ସୁଯୋଗ ଦିଆଯାଇନଥିଲା । ସେମାନେ *ଯଥାର୍ଥତାର* ସହ କାର୍ଯ୍ୟ କରିଛନ୍ତି ଏବଂ ତେଣୁ, ଏହି ପର୍ଯ୍ୟବେକ୍ଷଣଗୁଡ଼ିକୁ ହଟାଇଦେବା ଉଚିତ ।

ଏହା ମଧ୍ୟ ଉପସ୍ଥାପନ କରାଯାଇଥିଲା ଯେ 2002 ରେ ଉପ-ବିଧିରେ ସଂଶୋଧନ କରାଯାଇଛି ଏବଂ ପୁନର୍ବିଚାର କରିବାକୁ ଥିବାବେଳେ, 2002 ରେ କାର୍ଯ୍ୟକାରୀ ହୋଇଥିବା ଉପ-ନିୟମ ଅନୁଯାୟୀ ସମାନ ହେବାକୁ ପଡିବ ।

ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ଏହି ସ୍ଥିତିକୁ ସ୍ୱୀକାର କରିଥିଲେ ଯେ 2002 ରେ ପ୍ରବର୍ତ୍ତିତ ଉପ-ବିଧି ଅନୁଯାୟୀ ଉପଯୁକ୍ତ ବିଚାର କରିବାକୁ ପଡିବ ।

ଆମେ ଦେଖୁଛୁ ଯେ ପର୍ଯ୍ୟାପ୍ତ ସାମଗ୍ରୀ ବିନା କର୍ତ୍ତୃପକ୍ଷଙ୍କ ଅବହେଳା ବିଷୟରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଷ୍କର୍ଷ ନିଆଯାଇଛି । ପ୍ରତାରଣା ପାଇଁ ମିଳାମିଶା କରାଯାଇଥିବା ଚକ୍ରାନ୍ତ ବିଷୟରେ କିମ୍ବା ସେମାନେ ଅଟ୍ଟାଳିକା ଉପ-ନିୟମ ଏବଂ ଅନୁମୋଦିତ ଯୋଜନାଗୁଡିକର ଉଲ୍ଲଙ୍ଘନରେ ଆଖି ବୁଲେଇ ନିଷ୍କ୍ରିୟ ଭାବରେ ଠିଆ ହୋଇଥିବାର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ନଥିଲା । ଏଗୁଡ଼ିକ ଅତି ସାଧାରଣ ନିର୍ଦ୍ଦେଶ ଥିଲା । ତେଣୁ ଆମେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ଉପରୋକ୍ତ ନିର୍ଦ୍ଦେଶଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ହଟାଇ ଦେଉଛୁ । ତଥାପି, ଆମେ ଏହା ସ୍ପଷ୍ଟ କରୁଛୁ ଯେ ଯଦି ଆବେଦନକାରୀ-କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସେ ଯେ କୌଣସି ଅଧିକାରୀ ଯିଏ ପ୍ରକୃତରେ କର୍ତ୍ତୃପକ୍ଷଙ୍କ ସର୍ବୋତ୍ତମ ସ୍ୱାର୍ଥର ବିପରୀତରେ କାର୍ଯ୍ୟ କରିଥିଲେ, ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ । 2002ରେ ସଂଶୋଧିତ ହୋଇଥିବା ଉପ-ବିଧି, ମାମଲାର ପୁନର୍ବିଚାର ସମୟରେ ଲାଗୁ ହେବ ବୋଲି ସ୍ୱୀକୃତ ସ୍ଥିତିକୁ ଦୃଷ୍ଟିରେ ରଖି, ଆମେ ନିର୍ଦ୍ଦେଶ ଦେଉଛୁ ଯେ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ବିଷୟ ଉପରେ ବିଚାର କରିବା ସମୟରେ, 2002ରେ ସଂଶୋଧିତ ହୋଇଥିବା ଉପ-ବିଧିକୁ ଧ୍ୟାନରେ ରଖାଯିବ । କିନ୍ତୁ ଏହା ମଧ୍ୟ ଜଣାପଡ଼ିବ ଯେ ଯଦି 2002 ପୂର୍ବ ନିୟମର କୌଣସି ଉଲ୍ଲଙ୍ଘନ ହୋଇଛି, ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

କୌଣସି ମାମଲାରେ କିମ୍ବା ମାମଲାଗୁଡିକରେ ସମ୍ପୃକ୍ତ ଅଧିକାରୀମାନେ କର୍ତ୍ତବ୍ୟରେ ଅବହେଳା କରିଛନ୍ତି କି ନାହିଁ ତାହା ଜାଣିବା ପାଇଁ ଆବେଦନକାରୀ-କର୍ତ୍ତୃପକ୍ଷଙ୍କ ପାଇଁ ତନ୍ନତନ୍ନ ତଦନ୍ତ କରିବା ଜରୁରୀ ହେବ । ଯଦି ଉତ୍ତର ସକାରାତ୍ମକ ହୋଇଥାଏ, ତେବେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ।

ତଦନୁସାରେ ଆବେଦନକୁ ନିକାସ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ ।

ଏନ୍. ଜେ.                                                  ଆବେଦନର ଫଏସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।